ଓୟୁଏଟି ପ୍ରକାଶନ ସଂଖ୍ୟା : ୦୨୫୦୧୦୪୨୨

# ବୈଜ୍ଞାନିକ ପ୍ରଣାଳୀରେ ସପୁରୀ ଚାଷ




: ସମ୍ପାଦନା ମଣ୍ଡଳୀ:

**ଡ. ସୁଶ୍ରୀ ଚୌଧୁରୀ**
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

**ଡ. ସଂଜୀବ କୁମାର ମାଣ୍ଡି**
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

**ଶ୍ରୀ ଜୟଶଙ୍କର ପ୍ରଧାନ**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ପାଣିପାଗ)

**ଶ୍ରୀ ଜାନୁଆରିୟସ୍ କୁଜୁର**
ବିଷୟ ବସ୍ତୁ ବିଶେଷଜ୍ଞ (କୃଷି ଇଞ୍ଜିନିୟରିଂ)

: ମୁଖ୍ୟ ସମ୍ପାଦନା :

**ଡ. ସଂଗ୍ରାମ ପରମଗୁରୁ**
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# ବୈଜ୍ଞାନିକ ପ୍ରଣାଳୀରେ ସପୁରୀ ଚାଷ


<u>ସମ୍ପାଦକୀୟ ମଣ୍ଡଳୀ</u>

ଡ. ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଡ. ସଂଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ପାଣିପାଗ)

ଶ୍ରୀ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ଇଞ୍ଜିନିୟରିଂ)

<u>ମୁଖ୍ୟ ସମ୍ପାଦକ</u>

ଡ. ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ



କୃଷି ବିଜ୍ଞାନ କେନ୍ଦ୍ର
ରା. ଉଦୟଗିରି, ଗଜପତି-୭୬୧୦୧୬
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ସମ୍ପାଦକୀୟ ମଣ୍ଡଳୀ :

ଡ. ସୁଶ୍ରୀ ଚୌଧୁରୀ
ବୈଜ୍ଞାନିକ (ଉଦ୍ୟାନ ବିଜ୍ଞାନ)

ଡ. ସଂଜୀବ କୁମାର ମାଣ୍ଡି
ବିଷୟ ବସ୍ତୁ ବିଶେଷଜ୍ଞ (କ୍ଷେତ୍ର ବିଜ୍ଞାନ)

ଶ୍ରୀ ଜୟଶଙ୍କର ପ୍ରଧାନ
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ପାଣିପାଗ)

ଶ୍ରୀ ଜାନୁଆରିୟସ୍ କୁଜୁର
ବିଷୟ ବସ୍ତୁ ବିଶେଷଜ୍ଞ
(କୃଷି ଇଞ୍ଜିନିୟରିଂ)

ମୁଖ୍ୟ ସମ୍ପାଦକ :

ଡ. ସଂଗ୍ରାମ ପରମଗୁରୁ
ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ

ଓ.ୟୁ.ଏ.ଟି ପ୍ରକାଶନ ସଂଖ୍ୟା : ୨୦୨୫୦୧୦୪୨୨

2025010422

ପ୍ରକାଶକ : କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

ପ୍ରକାଶ କାଳ : ୨୦୨୪-୨୫

# ବୈଜ୍ଞାନିକ ପ୍ରଣାଳୀରେ ସପୁରୀ ଚାଷ

ସପୁରୀ ଏକ ସୁସ୍ୱାଦ ଫଳ । ଏଥିରେ ପ୍ରଚୁର ପରିମାଣରେ ଶର୍କରା ଯୁକ୍ତ ଖାଦ୍ୟ ସହିତ ଭିଟାମିନ ରହିଛି । ଆମ୍ଭ ଦେଶର ପ୍ରତ୍ୟକ ରାଜ୍ୟରେ ଏହା ଅଳପ ବହୁତ ଚାଷ କରାଯାଏ । ଆସାମ, ପଶ୍ଚିମବଙ୍ଗ, ମେଘାଳୟ, ଓଡିଶା ରେ ଏହା ଅଧିକ ପରିମାଣରେ ଚାଷ କରାଯାଏ । ଓଡିଶାର ଗଜପତି, ରାୟଗଡ଼, କଳାହାଣ୍ଡି, କେନ୍ଦୁଝର ଜିଲ୍ଲାରେ ଅଧିକ ପରିମାଣରେ ସପୁରୀ ଚାଷ କରାଯାଏ । ଗଜପତି ଜିଲ୍ଲା ରେ ପ୍ରାୟ ୬୦୦ ହେକ୍ଟର ଜମିରେ ସପୁରୀ ଚାଷ କରାଯାଇ ବାର୍ଷିକ ପ୍ରାୟ ୮୭୫୦ ମେଟ୍ରିକ୍‌ଟନ୍ ଫଳ ଉତ୍ପାଦନ ହୋଇଥାଏ । ଏହାକୁ ବୈଜ୍ଞାନିକ ପ୍ରଣାଳୀରେ ଚାଷ କରାଗଲେ ଚାଷୀ ମାନେ ଅଧିକ ଲାଭବାନ ହୋଇ ପାରିବେ ।

**ଜଳବାୟୁ:** ସପୁରୀ ଏକ ଗ୍ରୀଷ୍ମ ମଣ୍ଡଳୀୟ ଫଳ ହେଲେ ମଧ୍ୟ ଆମ ରାଜ୍ୟ ରେ ଏହି ଚାଷ ଲାଭଦାୟକ ଭାବେ କରଯାଇପାରିବ ।

**ମୃତ୍ତିକା:** ଅନେକ ପ୍ରକାର ମାଟିରେ ଏହି ଚାଷ କରାଯାଉ ଥିଲା ମଧ୍ୟ ନିଗିଡା, ଉର୍ବର, ଗଭୀର(୪୫-୬୦ ସେ.ମି) ଏବଂ ମାଟିର ଅମ୍ଳତା ୫.୦-୬.୦ ଥିବା ଜମିରେ ଅଧିକ ଉତ୍ପାଦନ ମିଳିଥାଏ । ବାଲିଆ ଦୋରସା ବା ବାଲିଆ ମାଟିରେ ଫଳର ବାସ୍ନା ଭଲ ରହେ ।

**କିସମ:** ଏହାର ଅନେକ କିସମ (କ୍ୟୁ, କୁଇନ୍(ରାଣୀ), ଜିଆଣ୍ଟକ୍ୟୁ, ମାଉରିଟସ୍, ରେଡ ସ୍ପାନିଶ୍, ସିଙ୍ଗାପୁର ସ୍ପାନିଶ୍ ଇତ୍ୟାଦି) ଥିଲେ ମଧ୍ୟ ମୁଖ୍ୟତଃ ୨ ଗୋଟି କିସମ ଆମ ରାଜ୍ୟରେ ଚାଷ ହୋଇଥାଏ ।

**୧) କ୍ୟୁ :** ଗଛ ବଡ଼ ହୁଏ, ପତ୍ରରେ କଣ୍ଟା ନଥାଏ (ବେଳେବେଳେ ପତ୍ରର ଅଗ ଏବଂ ମୂଳରେ କଣ୍ଟା ଥାଏ), ଫଳ ବଡ଼ ହୁଏ (ହାରାହାରି ଓଜନ ୧.୫-୨.୫ କି.ଗ୍ରା.), ଆଖି ବଡ଼ ଏବଂ ଅଗଭୀର, ରସ ଅଧିକ, ହାଲକା ହଳଦିଆ ରଙ୍ଗ ଏବଂ କମ୍ ତନ୍ତୁ ଥାଏ । ଏହା ଫଳ ସଂରକ୍ଷଣ କାରଖାନା ଦ୍ୱାରା ଆଦୃତ ହୁଏ ।

**୨) କୁଇନ୍(ରାଣୀ ସପୁରୀ) :** ଗଛ ଓ ପତ୍ର ଛୋଟ ହୁଏ। ପତ୍ରରେ ଅଧିକ କଣ୍ଟା ଥାଏ। ଫଳ ଛୋଟ (ହାରାହାରି ଓଜନ ୦.୯-୧.୨୫ କି.ଗ୍ରା.) ଆଖିଗୁଡ଼ିକ ଛୋଟ ଏବଂ ଗଭୀର, ରସ କମ୍, ଗାଢ଼ ହଳଦିଆ ରଙ୍ଗର ଏବଂ ଅଧିକ ବାସ୍ନା ଥାଏ। ପାଚିଲା ଖାଇବା ପାଇଁ ଉପଯୁକ୍ତ।

**ବଂଶ ବିସ୍ତାର :** ସପୁରୀ ଅଙ୍ଗଜ ପ୍ରଣାଳୀରେ ବଂଶବିସ୍ତାର କରିଥାଏ। ବ୍ୟବସାୟିକ ଭିତ୍ତିରେ ଚାଷ କରିବାକୁ ହେଲେ ମୂଳ ପୁଆ, କନ୍ଦା ପୁଆ ଏବଂ ସ୍ଲିପ୍ (ମୁକୁଟ ପୁଆ) ବ୍ୟବହାର କରାଯାଏ। ଏହା ବ୍ୟତୀତ ଗଛର ମୁକୁଟ, କାଣ୍ଡ ଖଣ୍ଡ, ମୁକୁଟ ଖଣ୍ଡ ଇତ୍ୟାଦି ମଧ୍ୟ ବ୍ୟବହାର କରାଯାଏ। ମାତ୍ର ଏଥିରେ ଫଳ ଧାରଣକୁ ଅଧିକ ସମୟ ଲାଗିଥାଏ। ପୁଆଗୁଡ଼ିକର ଓଜନ ୪୫୦-୧୦୦୦ ଗ୍ରାମ୍ ଏବଂ ସ୍ଲିପ ଗୁଡ଼ିକର ଓଜନ ୩୦୦-୪୦୦ ଗ୍ରାମ୍ ହେବା ଉଚିତ। ସ୍ଲିପ୍ ଅପେକ୍ଷା ପୁଆଗୁଡ଼ିକ ଶୀଘ୍ର ଅମଳ ଦେଇଥାନ୍ତି।

**ପୁଆ –** ଗଛର ମୂଳ ଏବଂ ପତ୍ର ସନ୍ଧିରୁ ବାହାରିଥିବା ସମସ୍ତ ଛୋଟଗଛ ଆକୃତିର।

**ସ୍ଲିପ୍ –** ଫଳର ତଳ ଓ ଉପର ଭାଗରୁ ବାହାରିଥିବା ସମସ୍ତ ଛୋଟ ଗଛ ଆକୃତିର। ଲଗାଇବା ପାଇଁ ନୀରୋଗ, ସୁସ୍ଥ ଏବଂ ସତେଜ ପୁଆ କୌଣସି ନିର୍ଭରଯୋଗ୍ୟ ନର୍ସରୀ କିମ୍ବା ବଗିଚାରୁ ସଂଗ୍ରହ କରନ୍ତୁ।

**ଚାଷ ପ୍ରଣାଳୀ:** ସଂପୂର୍ଣ୍ଣ ଖରା ବା ସଂପୂର୍ଣ୍ଣ ଛାଇ ଅପେକ୍ଷା ଅଳ୍ପ ଖରା ଓ ଅଳ୍ପ ଛାଇରେ ଏହି ଚାଷ ଭଲ ହୋଇଥାଏ। ସେଥିପାଇଁ ଏହାକୁ ମିଶ୍ରିତ ଫସଲ ବା ଅନ୍ତଃଫସଲ ହିସାବରେ କଦଳୀ, ଅମୃତଭଣ୍ଡା, ନଡ଼ିଆ ପ୍ରଭୃତି ବଗିଚାରେ ନିଆଯିବା ଉଚିତ।

**ଲଗାଇବା ସମୟ :** ଫଳ ଅମଳକୁ ଲକ୍ଷ୍ୟ ରଖି ଚାରା ଲଗାଯିବା ଉଚିତ। ସାଧାରଣତଃ ଫଳ ଅମଳର ୧୫-୧୮ ମାସ ପୂର୍ବରୁ ଚାରା ଲଗାଯାଏ। ଆମ ରାଜ୍ୟରେ ଜୁନ-ଜୁଲାଇ ମାସରେ ସପୁରୀ ଲଗାଯାଇଥାଏ। ଅତ୍ୟଧିକ ବର୍ଷା

ସମୟରେ ଲଗାଇଲେ ଚାରା ପଚିଯିବାର ସମ୍ଭାବନା ଥାଏ । ଜଳସେଚନର ସୁବିଧା ଥିଲେ ବର୍ଷର ଅନ୍ୟ ସମୟରେ ମଧ୍ୟ ଲଗାଯାଇପାରିବ । ଆଜିକାଲି ବର୍ଷସାରା ଫଳ ପାଇବା ପାଇଁ ବିଭିନ୍ନ ବୟସର ପୁଆ ଓ ସ୍ଲିପ୍ ଏକ ସଙ୍ଗରେ ଲଗାଯାଏ କିମ୍ବା ଲଗାଇବା ସମୟରେ ବ୍ୟବଧାନ ରଖାଯାଏ ।

**ଚାରା ଲଗାଇବା :** ଜମିକୁ ୩-୪ ଓଡ଼ ଗୁଣ୍ଡ ଚାଷ କରି ସମସ୍ତ ଅନାବନା ଗଛ ନଷ୍ଟ କରିଦେବା ଉଚିତ । ଶେଷ ଓଡ଼ ଚାଷ ସମୟରେ ହେକ୍ଟର ପ୍ରତି ୨୦-୨୫ ଟନ୍ ସଢ଼ା କମ୍ପୋଷ୍ଟ ସହିତ ୨୫ କି.ଗ୍ରା. କ୍ଲୋରୋପାଇରିଫସ ଗୁଣ୍ଡ ଦେବା ଉଚିତ୍ । ଜମିର ଅବସ୍ଥିତି ଓ ବାର୍ଷିକ ବର୍ଷାର ପରିମାଣକୁ ନେଇ ସପୁରୀକୁ ୪ ପ୍ରକାର ପ୍ରଣାଳୀରେ ଲଗାଯାଇପାରେ । ଯଥା: ସମତଳ ଭାବେ, ନାଳି କରି, କନ୍ଟୁର ପ୍ରଣାଳୀ କିମ୍ବା ନାହି (ଟ୍ରେଞ୍ଚ) ତିଆରି କରି । ଅଣଜଳସେଚିତ ଅଞ୍ଚଳରେ ଗଛକୁ ଗଛ ୩୦ ସେ.ମି., ଧାଡ଼ିକୁ ଧାଡ଼ି ୬୦ ସେ.ମି. ଏବଂ ନାହିକୁ ନାହି ୯୦ ସେ.ମି.ରେ ଗଛ ଲଗାଯାଇ ହେକ୍ଟର ପ୍ରତି ୪୩,୫୦୦ ଗଛ ଲଗାଯାଇଥାଏ । ମାତ୍ର ଘଞ୍ଚ ବଗିଚା ପ୍ରଣାଳୀରେ ୨୨.୫ ସେ.ମି.X୬୦ସେ.ମି.X ୭୫ ସେ.ମି. ହିସାବରେ ୬୩,୪୦୦ ଚାରା କିମ୍ବା ୨୫ ସେ.ମି.X୬୦ସେ.ମି. X୯୦ ସେ.ମି. ହିସାବରେ ୫୩,୩୦୦ ଚାରା ହେକ୍ଟର ପ୍ରତି ଲଗାଯାଇଥାଏ । ଘଞ୍ଚ ବଗିଚାରୁ ପ୍ରାୟ ଦେଢ଼ଗୁଣା ଅଧିକ ଅମଳ ମିଳିଥାଏ । ଏତଦ୍ ବ୍ୟତୀତ ଘଞ୍ଚ ବଗିଚାରେ ଗଛଗୁଡ଼ିକ ପାଖାପାଖି ଲଗାଯିବାରୁ ଗଛ ଢ଼ଳିପଡ଼େ ନାହିଁ, ପତ୍ରଗୁଡ଼ିକ ସିଧା ବଢ଼ି ଫଳକୁ ଘୋଡ଼ାଇ ରଖିବା ଦ୍ୱାରା ଫଳରେ ପୋଡ଼ାଦାଗ ଦେଖାଯାଏ ନାହିଁ ଏବଂ ଅନାବନା ଗଛ କମ୍ ହୋଇଥାଏ ।

ଚାରା ଲଗାଇବା ସମୟରେ ସଦ୍ୟ ପୁଆ ନ ଲଗାଇ ୫-୭ (ଅତିବେଶିରେ ୧୪) ଦିନ ଛାଇରେ ଶୁଖାଇ ଦିଆଯାଏ । ପୁଆର ମୂଳରୁ ଶୁଖିଲା ପତ୍ରଗୁଡ଼ିକୁ ସଫାକରି ମିଥାଇଲ ପାରାଥିଅନ (୨ ମି.ଲି. / ଲିଟର ପାଣି) ଓ ଡାଇଫୋଲଟାନ (୫ଗ୍ରାମ୍/ଲିଟର ପାଣି) ମିଶ୍ରଣରେ ବୁଡ଼ାଇ ଲଗାଇଲେ ଚୂନିଆ ପୋକ ଏବଂ କବକ ଜନିତ ରୋଗ ହୋଇନଥାଏ । ପୁଆଗୁଡ଼ିକୁ ୧୦ ସେ.ମି. ଗଭୀରରେ ଲଗାଇ ମଝି ପତ୍ର ସନ୍ଧିରେ ମାଟି ନ ପଶିଥିବା ଲକ୍ଷ୍ୟ କରିବା ଉଚିତ ।

**ଖତସାର:** ସପୁରୀ ବଗିଚାରେ ଗଛ ସଂଖ୍ୟା ଅନୁସାରେ ସାର ପ୍ରୟୋଗ କରିବା ଉଚିତ । ଜଳସେଚିତ ଅଞ୍ଚଳରେ ଗଛ ପ୍ରତି ନିମ୍ନଲିଖିତ ସାର (ଗ୍ରାମରେ) ପ୍ରୟୋଗ କରାଯାଏ ।

| ସାରର ନାମ | ଲଗାଇବା ସମୟ | ୨ମାସ | ୪ମାସ | ୬ମାସ | ୮ ମାସ | ୧୦ମାସ | ୧୨ମାସ |
|---|---|---|---|---|---|---|---|
| ୟୁରିଆ | - | ୪.୩୫ | ୪.୩୫ | ୪.୩୫ | ୪.୩୫ | ୪.୩୫ | ୪.୩୫ |
| ସି.ସୁପର ଫସଫେଟ | ୨୫ | - | - | - | - | - | - |
| ମ୍ୟୁ.ଅଫ ପଟାସ | ୧୦ | - | - | ୧୦ | - | - | - |

ଅଣ ଜଳସେଚିତ ଅଂଚଳରେ ସମସ୍ତ ସାରକୁ ଦୁଇଭାଗ କରି ଜୁନ-ଜୁଲାଇ ଏବଂ ସେପ୍ଟେମ୍ବର-ଅକ୍ଟୋବର ମାସରେ ପ୍ରୟୋଗ କରି ହୁଡ଼ାଟେକି ଦେବା ଉଚିତ ।

ଅଣୁସାରର ଅଭାବରେ ଗଛରେ ବିଭିନ୍ନ ପ୍ରକାର ଚିହ୍ନ ଦେଖାଯାଏ । ମାଗ୍ନେସିୟମ୍‌ର ଅଭାବରେ ପୁରୁଣା ପତ୍ରର ଧାରରେ ହଳଦିଆ ଚିହ୍ନ ଦେଖାଯାଏ । ଜିଙ୍କ୍ ପ୍ରୟୋଗ ଫଳରେ ଫଳର ମାନ ବୃଦ୍ଧି ଘଟିଥାଏ । ବୋରନ ଅଭାବରେ ଗଛର ଅଗ୍ରଭାଗ ମରିଯାଏ । ତେଣୁ ଅଣୁସାର ଅଭାବ ପରିଲକ୍ଷିତ ହେଲେ ମାଟିରେ ଗଛପ୍ରତି ମାଗ୍ନେସିୟମ (୦.୬୪ ଗ୍ରାମ୍), ବୋରନ୍ (୦.୨୪ ଗ୍ରାମ୍), ଆଇରନ (୦.୬୪ ଗ୍ରାମ୍) ପ୍ରୟୋଗ କରିବା ଉଚିତ ।

**ପରବର୍ତ୍ତୀ ଯତ୍ନ:** ସାର ପ୍ରୟୋଗ ସମୟରେ କୋଡ଼ା ଖୋସା କରି ଅନାବନା ଗଛ ନଷ୍ଟ କରିଦେବା ଉଚିତ । ହାତ ବଛା କଲେ ଅଧିକ ଖର୍ଚ୍ଚ ହୁଏ । ତେଣୁ ରାସାୟନିକ ତୃଣନାଶକ ଡାଇୟୁରନ (୪ କି.ଗ୍ରା.) ହେକ୍ଟର ପ୍ରତି ୫୦୦ ଲିଟର ପାଣିରେ ମିଶାଇ ଲଗାଇବା ପୂର୍ବରୁ ଦେଇ ୫ ମାସରେ (୨କି.ଗ୍ରା.) ଆଉଥରେ ପ୍ରୟୋଗ କରିବା ଉଚିତ । କୋଡ଼ା ଖୋସା ପରେ ଗଛମୂଳକୁ ମାଟି ଟେକି ଦେବା ଉଚିତ । ବର୍ଷାଦିନରେ ଏହା ନିହାତି ଜରୁରୀ । ବଗିଚାରେ ଛାଦିକରଣ କଲେ ଅଧିକ ଉପକାର ମିଳିଥାଏ । କଳା ପଲିଥିନ ଏବଂ କରତ ଗୁଣ୍ଡ ଛାଦକ ରୂପେ ବ୍ୟବହାର କରାଯାଏ । ଗଛରେ ଅଧିକ ପୁଆ ରହିଲେ ଫଳର ଓଜନ ବଢ଼ିଥାଏ । ତେଣୁ ପୁଆକୁ ଫଳ ଅମଳଯାଏ ରଖିବା ଉଚିତ । ମାତ୍ର ସ୍ଲିପ୍ ସଂଖ୍ୟା

ବଢ଼ିଲେ ଫଳ ପାଚିବାକୁ ଡେରି ହୋଇଥାଏ । ତେଣୁ ଲଗାଇବା ଆକାର ହେବାପରେ ସ୍ଲିପ୍‌ଗୁଡ଼ିକୁ କାଟିଦେବା ଉଚିତ । ଫଳ ଧାରଣର ୪୫ ଦିନରେ ଟୋପିର ଅଗଟିକୁ ଛିଣ୍ଡାଇ ଦେଲେ ଫଳର ଆକାର ବଢ଼ିଥାଏ ।

**ଜଳସେଚନ:** ଚାରା ଲଗାଇବା ପରେ ହାଲକା ଜଳସେଚନ କରନ୍ତୁ । ଅଧିକାଂଶ ସପୁରୀ ଚାଷ ଅଣ ଜଳସେଚିତ ଜମିରେ ହୋଇଥାଏ । ମାତ୍ର ଜଳସେଚିତ ଜମିରେ ଉତ୍ପାଦନ ଅଧିକ ହୋଇଥାଏ । ଜଳର ପରିମାଣ କମ୍ ଥିଲେ ଖରାଦିନରେ ୨୦-୨୫ ଦିନ ବ୍ୟବଧାନରେ ୪-୫ଥର ଜଳସେଚନ କରିବା ଉଚିତ । ଜଳସେଚନ ଅପେକ୍ଷା ଜଳ ନିଷ୍କାସନ ପ୍ରତି ବର୍ଷାଦିନରେ ଅଧିକ ଧ୍ୟାନ ଦେବା ଉଚିତ ।

**ରୋଗ ପୋକ ପରିଚାଳନା:**

୧) **କାଣ୍ଡ ପଚା ଏବଂ କନ୍ଦା ପଚା ରୋଗର ପ୍ରତିକାର:**

(କ) ନୀରୋଗ ପୁଆ ବାଛନ୍ତୁ ।

(ଖ) କିଆରୀରେ ପାଣି ଜମି ରହିବାକୁ ଦିଅନ୍ତୁ ନାହିଁ ।

(ଗ) ଆକ୍ରାନ୍ତ ଗଛରେ ଡାଇଫୋଲ୍‌ଟାନ୍(୫ଗ୍ରାମ୍/ଲିଟର ପାଣି)ସ୍ପ୍ରେ କରନ୍ତୁ ।

୨) **ପତ୍ରଦାଗ ରୋଗର ପ୍ରତିକାର:** ଡାଇଫୋଲ୍‌ଟାନ (୫ ଗ୍ରାମ ଲିଟର ପାଣି) ସ୍ପ୍ରେ କରନ୍ତୁ ।

୩) **ଫଳପଚା ରୋଗ:** ଅମଳ ପରେ ଫଳରେ ପଚାଦାଗ ଦେଖାଯାଏ । କଟା ମୁଣ୍ଡି ପାଖରୁ ମଧ୍ୟ ପଚିବା ଆରମ୍ଭ ହୋଇଥାଏ ।

ପ୍ରତିକାର : ଫଳର କଟା ମୁଣ୍ଡିକୁ ବେନ୍‌ଜୋଇକ୍ ଏସିଡ୍ (୧୦୦ ମି.ଲି. ଲିଟର ଆଲକୋହଲ) ଦ୍ରବଣରେ ବୁଡ଼ାଇ ଦୂର ବଜାରକୁ ପଠାନ୍ତୁ ।

୪) **ଚୁନିଆ ପୋକ :** ଧଳା ରଙ୍ଗର କଅଁଳ ପୋକଗୁଡ଼ିକ ଗଛର ସମସ୍ତ ଅଂଶରେ ଲାଗି ରସ ଶୋଷି ଖାଇଥାନ୍ତି । ପତ୍ରର ରଙ୍ଗ ଗୋଲାପିରୁ ନାଲି ହୁଏ ଏବଂ ଭିତର ପଟକୁ ମୋଡ଼ିହୁଏ ।

ପ୍ରତିକାର :

(କ) ନୀରୋଗ ପୁଆ ଲଗାନ୍ତୁ ।

(ଖ) ପୁଆକୁ ଫେନଥୋଏଟ (୧ ମି.ଲି./ଲିଟର) ଦ୍ରବଣରେ ବୁଡ଼ାଇ ଲଗାନ୍ତୁ ।

(ଗ) ବଗିଚାରେ ଥିବା ପିମ୍ପୁଡ଼ିମାନଙ୍କୁ ଦମନ କରନ୍ତୁ ।


(ଘ) ବଗିଚାକୁ ପରିଷ୍କାର ରଖନ୍ତୁ ।

(ଡ) ପୁଅା କରାଇବାର ୩ ମାସ ପରେ ଫୋରେଟ୍ ହେକ୍ଟର ପ୍ରତି ୨ କି.ଗ୍ରା. ପ୍ରୟୋଗ କରନ୍ତୁ ।

**ଫୁଲ ପରିଚାଳନା:**

କୁଇନ୍ ଏବଂ ମାଉରିଟସ୍ କିସମ ସପୁରୀ ଗଛରେ ଲଗାଇବାର ୧୧-୧୨ ମାସ ପରେ ଫୁଲ ଆସିଥାଏ । ସାଧାରଣ ଭାବରେ ୫୦-୬୦ ଭାଗ ଗଛରେ ଫୁଲ ଆସେ । ମାତ୍ର ଉଭିଦ ବୃଦ୍ଧିକାରକ (ହରମୋନ୍) ବ୍ୟବହାର କରି ଅଧିକ ସଂଖ୍ୟାରେ (୮୦ ପ୍ରତିଶତ) ଫୁଲ ଅଣାଯାଇପାରିବ । ଗଛରେ ୩୫-୪୦ ଗୋଟି ପତ୍ର ଥିବା ସମୟରେ ପ୍ରତି ଗଛର ପତ୍ର ସନ୍ଧିରେ ୫୦ ମି.ଲି. କାଲ୍ସିୟମ୍ କାର୍ବାଇଡ (୨୦ ଗ୍ରାମ୍/ଲିଟର) କିମ୍ବା ଇଥେଲ୍ (୦.୨୫ ମି.ଲି. ଲିଟର) ଦ୍ରବଣ ସଂଧ୍ୟା ୭ରୁ୮ ଘଟିକା ମଧ୍ୟରେ ପକାଯାଏ । ସାଧାରଣତଃ ପୁଅା ଲଗାଯିବାର ୩୬୫ ରୁ ୪୧୫ ଦିନ ମଧ୍ୟରେ ଏହା ପକାଯାଏ । ଏତଦ୍ ବ୍ୟତୀତ ୦.୧ ମି.ଲି. ଇଥ୍ରେଲ, ୨୦ ଗ୍ରାମ ୟୁରିଆ ଏବଂ ୦.୪ ଗ୍ରାମ୍ ସୋଡ଼ିୟମ୍ କାର୍ବୋନେଟ୍‌କୁ ଏକ ଲିଟର ପାଣିରେ ମିଶାଇ ସାଧାରଣ ଫୁଲ ଧାରଣର ୪୫-୬୦ ଦିନ ଆଗରୁ ସ୍ପ୍ରେ କରାଯାଇପାରେ । ଏହି ପ୍ରକ୍ରିୟାକୁ ଅନୁସରଣ କରି ବର୍ଷସାରା ବିକ୍ରିଯୋଗ୍ୟ ସପୁରୀ ଉତ୍ପାଦନ କରାଯାଇପାରିବ ।

**ଅମଳ:** ଚାରା ଲଗାଇବାର ୧୫-୧୮ ମାସରେ ଫଳ ଅମଳ ଯୋଗ୍ୟ ହୋଇଥାଏ । ଫୁଲ ଫୁଟିବାର ୫ ରୁ ୬ ମାସ ମଧ୍ୟରେ ଫଳ ପାଚିଥାଏ । ପାଖ ବଜାରରେ ବିକ୍ରୀ ପାଇଁ ଫଳ ହଳଦିଆ ରଙ୍ଗ ହେଲେ ତୋଳାଯାଏ । କାଟିବା ସମୟରେ ୫-୭ ସେ.ମି.ର ଡେଙ୍ଗ ରହିବା ଉଚିତ ଏବଂ ଅଗଟିକୁ କାଟନ୍ତୁ ନାହିଁ । ସାଧାରଣ ବଗିଚାରୁ ହେକ୍ଟର ପ୍ରତି ୪୦-୫୦ ଟନ୍ ଫଳ ଅମଳ ହୋଇଥାଏ, ମାତ୍ର ଘଞ୍ଚ ବଗିଚାରୁ ପ୍ରାୟ ୭୦-୧୦୫ ଟନ୍ ଯାଏ ଅମଳ ମିଳିଥାଏ । ଫଳଧାରଣର ୨ ରୁ ୩ ମାସ ପରେ ଏନ୍.ଏ.ଏ. (୧-୧.୫ ମି.ଲି./ଲିଟର ପାଣି) ସ୍ପ୍ରେ କଲେ ଫଳର ଆକାର ୧୫-୨୦ ପ୍ରତିଶତ ବଢ଼ିଥାଏ । ଫଳ ଅମଳର ୬୦-୭୦ ଦିନ ପୂର୍ବରୁ ଗଛରେ ପ୍ଲାନୋଫିକ୍ସ (୦.୨ ମି.ଲି./ଲିଟର ପାଣି) ସ୍ପ୍ରେ କଲେ ୧୦-୧୫ ଦିନ ଆଗରୁ ଫଳପାଚେ । ସେହିପରି ଫଳ ପାଚିବାର ୧ ମାସ ପୂର୍ବରୁ ଇଥ୍ରେଲ (୦.୫ମି.ଲି./ଲିଟର ପାଣି) ସ୍ପ୍ରେ କଲେ ଫଳଗୁଡ଼ିକ ୧୦-୧୫ ଦିନ ଆଗୁଆ ପାଚିଯାଏ ।






କୃଷି ବିଜ୍ଞାନ କେନ୍ଦ୍ର, ଗଜପତି
ଓଡିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
email : kvk.gajapati@ouat.ac.in